Sambad Coverage of the Workshop for Hon'ble MLAs Odisha on Budgeting and Public Finance held on 27th March 2017 at Press Club of Odisha, Bhubaneswar.

# ଶିଶୁଙ୍କ ପାଇଁ ବଜେଟ୍ ଉପରେ ଓଡ଼ିଶା ବିଧାୟକଙ୍କ କର୍ମଶାଳା



ଭୁବନେଶ୍ୱର, ୨୭।୩(ଇମିସ) : କଳିଙ୍ଗ କୁସୁମ ଫାଉଣ୍ଡେସନ୍ ପକ୍ଷରୁ ଆଜି ଶିଶୁଙ୍କ ପାଇଁ ବଜେଟ୍ ଉପରେ ଓଡ଼ିଶା ବିଧାୟକଙ୍କ କର୍ମଶାଳା ଆୟୋଜିତ ହୋଇଯାଇଛି। ବଜେଟ୍ ପ୍ରସ୍ତୁତି ପ୍ରକ୍ରିୟାରେ ରାଜ୍ୟ ବିଧାୟକମାନେ ନିଜ ଭୂମିକା ଓ ସାମାଜିକ କ୍ଷେତ୍ରରେ ବଜେଟ୍ ସଂପର୍କରେ ଜାଣିବା ଉପରେ ଆଲୋଚନା ହୋଇଥିଲା। ଯାହା ଫଳରେ ବିଧାୟକମାନେ ନିଜ ନିଜ ନିର୍ବାଚନ ମଣ୍ଡଳୀରେ ଏହାର ଉପଯୋଗ କରିପାରିବେ। ଏହାସହ ଅନ୍ୟ ରାଜ୍ୟଗୁଡ଼ିକରେ ବିଧାୟକ ପାଣ୍ଠିର କିଭଳି ଭାବେ ବିନିଯୋଗ ହେଉଛି ତାହାର ଏକ ଅନୁଶୀଳନ କରାଯାଇଥିଲା। ବିଶେଷକରି ରାଜ୍ୟରେ ଅବହେଳିତ ମହିଳା ଓ ଶିଶୁଙ୍କ ପାଇଁ ଏହି କର୍ମଶାଳାରେ ଗୁରୁତ୍ୱ ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମରେ ବିଧାୟକ ପ୍ରଫୁଲ୍ଲ ସାମଲ, ଆକାଶ ଦାସନାୟକ, ପ୍ରିୟଦର୍ଶୀ ମିଶ୍ର, କୃଷ୍ଣଚନ୍ଦ୍ର ସାଗରିଆ, ଓଡ଼ିଶା କୋଠାବାଡ଼ି ନିର୍ମାଣ ଶ୍ରମିକ କଲ୍ୟାଣ ବୋର୍ଡର ଅଧ୍ୟକ୍ଷ ସୁବାସ ସିଂ, ୟୁନିସେଫର ଓଡ଼ିଶାର ମୁଖ୍ୟ ଉମି ବେ, ସିବିପିଏସର ଭି.ଭାସ୍କର ଓ ଶ୍ରୀନିବାସ କୁମାର ଅଲମ୍ଲୁରୁ, ସୁଜିତ କୁମାର, ଦିବ୍ୟଚାନ୍ଦ ଶୁକ୍ଲା, ଅଲକା ଗୁପ୍ତା, ଲୋପାମୁଦ୍ରା ତ୍ରିପାଠୀ, ଲକ୍ଷ୍ମୀ ନାରାୟଣ ନନ୍ଦ, ରାଜ ଶ୍ରୀବାସ୍ତବ ପ୍ରମୁଖ ଯୋଗ ଦେଇଥିଲେ। କଳିଙ୍ଗ କୁସୁମ ଫାଉଣ୍ଡେସନର କାର୍ଯ୍ୟକ୍ରମ ଅଧିକାରୀ ସ୍ୱାତୀ ତନ୍ମୟା ମିଶ୍ର, ପ୍ରିୟଦର୍ଶୀ ପାଳ ଓ ଲଗ୍ନଜିତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।